## ସଂକ୍ଷେପରେ

### ବିଜେଡିରେ ମିଶିଲେ ୫ଶହ କର୍ମୀ



ଉମରକୋଟ, ୭।୮(ସ୍ୱ.ପ୍ର.)-ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ଉମରକୋଟସ୍ଥିତ ବାସ ଭବନରେ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବିଭିନ୍ନ ଦଳର ୫୦୨ ଜଣ କର୍ମୀ ବିଜେଡିରେ ମିଶିଥିଲେ। ସମସ୍ତଙ୍କୁ ଏମ୍‌ପି ଉପଢୌକନ ଦେଇ ସ୍ୱାଗତ ଜଣାଇଥିଲେ। ଆଗାମୀ ନିର୍ବାଚନରେ ଦଳକୁ ଜିତାଇବାକୁ ନୂତନ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମୟରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲା ବିଜେଡି ସଂଯୋଜକ ପ୍ରମୋଦ ପାଢ଼ୀ , ପୌର ପରିଷଦ ସଭାପତି କୈଳାଶ ନାୟକ , ଜିଲା ଛାତ୍ର ବିଜେଡି ସଭାପତି ସୁଧାଂଶୁ ଦାସ, ବ୍ଲକ ସଭାପତି ଅଜିତ ପ୍ରଧାନ, ମନୋଜ ଧଳ, ବିଜେଡି ନେତା ବି.କେ ସାହୁ , ଯୁବ ନେତା ଚନ୍ଦନ ବେହେରା, ବାପି ସିଲ୍, ହିମାଂଶୁ ଜେନା, ଉମରକୋଟ ମିଡ଼ିଆ ସେଲ୍‌ର ଶଙ୍କର ତୁର୍କ ପ୍ରମୁଖ ଉପସ୍ଥିତ ଥିଲେ।

### ଦଶହରା ପଡ଼ିଆର ବିକାଶ ନେଇ ବୈଠକ

ଜୟପୁର, ୭।୮(ନି.ପ୍ର.)- ଜୟପୁର ଦଶହରା ପଡ଼ିଆର ବିକାଶ ନେଇ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ହେମକାନ୍ତ ସାୟ୍ ଅଧକ୍ଷତା କରିଥିଲେ। ବୈଠକରେ ତହସିଲଦାର ପ୍ରଧାନ ଗୁଲ୍ଲି ଆମ୍ମା, ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର, ଉପଖଣ୍ଡ କ୍ରୀଡ଼ା ସମ୍ପାଦକ ରବି ନାୟକ, ଉପଖଣ୍ଡ କ୍ରୀଡ଼ା ସଂଘର କୋଷାଧକ୍ଷ ସଞ୍ଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଦଶହରା ପଡ଼ିଆ ଚାରିପଟେ ପାଚେରିର ମରାମତି, ଗେଟ୍ ଲଗାଇବା, ପଡିଆ ଚାରିପଟେ ଚଲାପଥ ନିର୍ମାଣ ଓ ଆଲୋକ ବ୍ୟବସ୍ଥା ନେଇ ବୈଠକରେ ନିଷ୍ପତ୍ତି ହୋଇଛି।

### ବାଇକ୍ ଉଦ୍ଧାର, ଲୁଟେରା ଗିରଫ

ଆସିକା,୭।୮(ଡି.ଏନ.ଏ.): କଟକ ଜିଲା ଆଠଗଡ ଥାନା ଅନ୍ତର୍ଗତ ବେଣ୍ଟପଦା ଗ୍ରାମରୁ ଗତ ଗୁରୁବାର ଗୋଟିଏ ବାଇକ, ମୋବାଇଲ ଫୋନ ଓ ଟଙ୍କା ଲୁଟ ହୋଇଥିଲା । ଶୁକ୍ରବାର ବିଳମ୍ବିତ ରାତିରେ ଆସିକା ପୋଲିସ ଏହି ମାମଲାର ଅଭିଯୁକ୍ତଙ୍କୁ ଆସିକା ଥାନା ଅନ୍ତର୍ଗତ କୋଟିବାଡି ଗ୍ରାମରୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ନିକୁ ଗୌଡ। ତାଙ୍କ ନିକଟରୁ ପୋଲିସ ଚୋରି ବାଇକ ଓ ମୋବାଇଲ ଜବତ କରିଥିଲା। ଅଭିଯୁକ୍ତଙ୍କୁ ଶନିବାର ଆଠଗଡ ପୋଲିସକୁ ହସ୍ତାନ୍ତର କରାଯାଇଥିବା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ନିକୁ ସୋସିଆଲ ମିଡିଆରେ ସମ୍ପର୍କ ସ୍ଥାପନ କରି ବୁଧବାର ସନ୍ଧ୍ୟାରେ ବେଣ୍ଟପଦା ଗ୍ରାମର ପବିତ୍ର ଓଝାଙ୍କ ଘରେ ପହଞ୍ଚିଥିଲେ। ପବିତ୍ରଙ୍କ ପୁଅଙ୍କ ସହ ବନ୍ଧୁତ୍ୱ ଥିବା କହି ତାଙ୍କ ଘରେ ରାତିରେ ରହିଥିଲେ। ଗୁରୁବାର ଭୋରରେ ସେ ପବିତ୍ରଙ୍କ ଘରୁ ବାଇକ, ମୋବାଇଲ ଓ ୧୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ପବିତ୍ର ଏ ନେଇ ଆଠଗଡ ପୋଲିସରେ ଅଭିଯୋଗ ପରେ ନଂ.୧୫୦/୨୧ରେ ଏକ ମାମଲା ରୁଜୁ କରି ପୋଲିସ ଆସିକା ଥାନାର ସହଯତା ନେଇଥିଲା। ଆସିକା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଆଠଗଡ ପୋଲିସକୁ ସୂଚନା ଦେଇଥିଲା।

# ଜଙ୍ଗଲ ଜମିରେ ମକା ଚାଷ ଯୁରିଆ ଅଭାବର କାରଣ

**ନବରଙ୍ଗପୁର,୭।୮(ବି.ପ୍ର.)**



ଜଙ୍ଗଲ ଜମିରେ ମକା ଚାଷୀ ।

### ଜିଲାରେ ସାର ଅଭାବ ଯୋଗୁ ବଢୁଛି ଚାଷୀ ଅସନ୍ତୋଷ

ନବରଙ୍ଗପୁର ଜିଲାରେ ୟୁରିଆର କୃତ୍ରିମ ଅଭାବ ଯୋଗୁ କଳାବଜାର ହେଉଛି। ଜଙ୍ଗଲ ଜମିରେ ମକାଚାଷ ସାର ଅଭାବର ପ୍ରମୁଖ କାରଣ ହୋଇଛି। କୃଷି ବିଭାଗ ରୟତଙ୍କ ପ୍ରକୃତ ଚାଷଜମିକୁ ଆକଳନ କରି ସରକାରୀ ସ୍ତରରେ ସାର ପାଇଁ ଟାର୍ଗେଟ ଦେଇଥାଏ। ଏହି ଅନୁପାତରେ ପର୍ଯ୍ୟାୟ କ୍ରମେ ଜିଲାକୁ ସାର ଆସିଥାଏ। ଜିଲାକୁ ଅଗଷ୍ଟ ଓ ଅକ୍ଟୋବର ମାସ ସୁଦ୍ଧା ୪୫ ହଜାର ମେଟ୍ରିକ୍ ଟନ୍ ସାର ଆବଶ୍ୟକ ରହିଥିବାବେଳେ ଜୁଲାଇ ମାସରୁ ଅଗଷ୍ଟ ମାସ ପ୍ରଥମ ସପ୍ତାହ ସୁଦ୍ଧା ୪୪ହଜାର ମେଟ୍ରିକ୍ ଟନ ସାର ଜିଲାରେ ପହଞ୍ଚିଛି। ତଥାପି ଜିଲାରେ ସାରର ଅଭାବ ନେଇ ଜିଲାରେ ଆନ୍ଦୋଳନ ଏବଂ ରାସ୍ତାରୋକୋ ଚାଲିଛି। ଏହାର ମୁଖ୍ୟ କାରଣ ହେଲା ଜିଲାରେ ୨୦ ରୁ ଉର୍ଦ୍ଧ୍ୱ ହେକ୍ଟର ଜଙ୍ଗଲ ଜମିରେ ମକାଚାଷ କରାଯାଇଛି। ଅନେକ ସାହୁକାର ଚାଷୀଙ୍କୁ ନେଇ ଜଙ୍ଗଲ ଜମିରେ ମକାଚାଷ କରିବାକୁ ପ୍ରବର୍ତ୍ତାଇବା ସହ ସାର ନିମନ୍ତେ ଆର୍ଥିକ ସହାୟତା ଯୋଗାଉଛନ୍ତି। ଜିଲାରେ ମକା ମଣ୍ଡି ବ୍ୟବସ୍ଥା ନ ଥିବାରୁ ଚାଷୀ ସିଧାସଳଖ ବ୍ୟବସାୟୀଙ୍କ ପାଖରେ କମ୍ ମୂଲ୍ୟରେ ବିକ୍ରି କରି ଆସୁଛନ୍ତି। ଚାଷୀଙ୍କୁ ବିହନ, ସାର ଓ ଆର୍ଥିକ ସହାୟତା ଯୋଗାଉଥିବା ସାହୁକାରମାନେ ଅମଳ ପରେ ସେହି ମକାକୁ କିଣି ମାଲାମାଲ ହେଉଛନ୍ତି। ଜିଲାରେ ଏହି ବ୍ୟବସ୍ଥା ବନ୍ଦ ନ ହେବା ପର୍ଯ୍ୟନ୍ତ ସାରର ଅଭାବୀ ବିକ୍ରି, କଳାବଜାର, ରାସ୍ତାରୋକୋ ଏବଂ ଆନ୍ଦୋଳନ ଚାଲିଥିବ ବୋଲି ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ଜିଲାରେ ବିଳମ୍ବିତ ମୌସୁମୀ କାରଣରୁ ୧୫ ପ୍ରତିଶତ ଜମିରେ ଏଯାଏ ଧାନଚାଷ କାର୍ଯ୍ୟ ହୋଇପାରିନାହିଁ। ଚଳିତ ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ୩୮.୮୧ ମିମି ବର୍ଷା ହୋଇଛି । ୨୦୨୦ ରେ ୪୫୨.୩୬ମିମି ଏବଂ ୨୦୧୯ ରେ ୪୪୩.୩୯ ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ରରୁ ଜଣାପଡ଼ିଛି। ନବରଙ୍ଗପୁର ଜିଲା ଧାନ, ମକା ଓ ଆଖୁ ଚାଷ ପାଇଁ ଲୋକପ୍ରିୟ। ଏ ବର୍ଷ ଖରିଫ ଚାଷ ପାଇଁ ଜିଲାରେ ୧ ଲକ୍ଷ ୯୯ ହଜାର ୧୨୮ ହେକ୍ଟର ଜମିରେ ବିଭିନ୍ନ ଚାଷ ପାଇଁ ଟାର୍ଗେଟ ରହିଛି । ୧ ଲକ୍ଷ ୩ ହଜାର ୪୬୮ ହେକ୍ଟର ଧାନ, ୬୦ ହଜାର ୩୪୭ ହେକ୍ଟର ମକାଚାଷ ପାଇଁ ଟାର୍ଗେଟ ରହିଛି। ସେହିପରି ବାଜରା ଓ ମାଣ୍ଡିଆ ଆଦି ୨୮୫୦ ହେକ୍ଟର , ଡାଲି ଜାତୀୟ ଫସଲ ୨୪୨ ହେକ୍ଟର, ତୈଳ ଜାତୀୟ ୭୫୫ ହେକ୍ଟର, ଖୋଟ ଜାତୀୟ ୧୬୯ ହେକ୍ଟର, ଆଳୁ ଓ ପନିପରିବା ୧୬୮୪୩ ହେକ୍ଟର, ହଳଦୀ, ଲଙ୍କା ଓ ଅଦା ୧୫୭୭ ହେକ୍ଟର, ଆଖୁ ୪୬୮୨ ହେକ୍ଟର, ସେମଳ କନ୍ଦା ୧୦୨ ହେକ୍ଟର ଓ ଧନିଚା ଚାଷ ୭୫ ହେକ୍ଟରରେ କରିବାକୁ ଟାର୍ଗେଟ ରହିଛି। ମୋଟ ୧ ଲକ୍ଷ ୯୯ ହଜାର ୧୨୮ ହେକ୍ଟରରେ ଚାଷ ହେବ। ଏନେଇ ୭୨ ହଜାର ମେଟ୍ରିକ୍ ଟନ୍ ସାର ଜିଲାକୁ ଆବଶ୍ୟକ ରହିଛି। ଗତ ବର୍ଷ ଖରିଫ୍ ଋତୁରେ ନବରଙ୍ଗପୁର ଜିଲାକୁ ୬୦ ହଜାର ୮୫୦ ମେଟ୍ରିକ୍ ଟନ୍ ସାର ଆସିଥିଲା। ଜିଲାରେ ୩୪୧ ଡିଲର୍ ସାର ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି। ମୋଟ ୬୭୫ ଟି ସ୍ଥାନରେ ବିହନ ଓ ସାର ବିକ୍ରି କରାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି ।

# ପଞ୍ଚାୟତ ନିର୍ବାଚନକୁ ନେଇ ମାର୍ଗଦର୍ଶନ କଲେ ମନ୍ତ୍ରୀ




ବୈଠକରେ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲା ବିଜେଡି ସଭାପତି ଓ ଅନ୍ୟମାନେ।

**ବିଷମକଟକ,୭।୮(ଡି.ଏନ୍.ଏ.)**

### ଛାତ୍ର ବିଜେଡିର ସାଙ୍ଗଠନିକ ସମ୍ମିଳନୀ

ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାବେଳେ ବିଜେଡି ଦଳ ସଜବାଜ ହେଲାଣି। ବିଭିନ୍ନ ସ୍ଥାନରେ ସଙ୍ଗଠନ ସଜାଡ଼ିବାକୁ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ରାୟଗଡ଼ା ଜିଲା ଛାତ୍ର ବିଜେଡି ସଭାପତି ବିଷ୍ଣୁ ପଣ୍ଡାଙ୍କ ନେତୃତ୍ୱରେ ବିଷମକଟକ କଲ୍ୟାଣ ମଣ୍ଡପଠାରେ ବିଷମକଟକ ନିର୍ବାଚନ ମଣ୍ଡଳି ତଥା ବିଷମକଟକ, ମୁନିଗୁଡ଼ା, କଲ୍ୟାଣସିଂହପୁର ଏବଂ କୋଲନରାର ଛାତ୍ର ବିଜେଡି କର୍ମକର୍ତ୍ତାଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁସଚୀତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ଜିଲା ବିଜେଡି ସଭାପତି ସୁଧୀର କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ର ବିଜେଡି କର୍ମକର୍ତ୍ତାଙ୍କୁ ମାର୍ଗଦର୍ଶନ କରିବା ସହ ବିଜୁବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ କହିଥିଲେ। ଗ୍ରାମାଞ୍ଚଳରେ ରହୁଥିବା ଲୋକମାନେ ଗ୍ରହଣ ନ କରିବା ପର୍ଯ୍ୟନ୍ତ ସଙ୍ଗଠନ ସୁଦୃଢ଼ ହୋଇପାରିବ ନାହିଁ ବୋଲି ସେ କହିଥିଲେ। ଏଥିସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ଯୁବଗୋଷ୍ଠୀ ଦଳୀୟ କାର୍ଯ୍ୟରେ ସକ୍ରିୟ ହେବା ସହ ଗାଁକୁ ଯାଇ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବାକୁ ଜିଲା ସଭାପତି କର୍ମୀଙ୍କୁ କହିଥିଲେ। କର୍ମଶାଳାରେ ଛାତ୍ର ବିଜେଡିର ପର୍ଯ୍ୟବେକ୍ଷକ ସ୍ୱାଧୀନ ପଣ୍ଡା, ବିଜେଡି ରାଜ୍ୟ ସମ୍ପାଦକ ଜ୍ୟୋତି କୁମାର ସାହୁ, ରାଜ୍ୟ ବିଜେଡି ଯୁବ ସମ୍ପାଦକ ପୃଥ୍ୱୀରାଜ ସାହୁ, ଜିଲା ଯୁବ ବିଜେଡି ସମ୍ପାଦକ ଡି. ଶିବ ପ୍ରସାଦ, ବ୍ଲକ ବିଜେଡି ସଭାପତି ଦେବୀ ପ୍ରସାଦ ପଟ୍ଟନାୟକ, ରବିନ୍ଦ୍ରନାଥ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ବିଷମକଟକ ଛାତ୍ର ବିଜେଡି ସଭାପତି ରାଧାକୃଷ୍ଣ ବେହେରା ସ୍ୱାଗତ ଭାଷଣ ରଖିଥିଲେ।

# ୧୦୦ ଡଙ୍ଗରିଆଙ୍କ ବିନା ମୂଲ୍ୟରେ ଚକ୍ଷୁ ପରୀକ୍ଷା

**ରାୟଗଡ଼ା ଅଫିସ,୭।୮**



ଜିଲାପାଳ ଚକ୍ଷୁ ପରୀକ୍ଷାର ଶୁଭାରମ୍ଭ କରୁଛନ୍ତି ।

### ପାର୍ସାଲିରେ ଆଦିବାସୀ ଚକ୍ଷୁ ଅଧ୍ୟୟନ ଗବେଷଣା ପ୍ରକଳ୍ପ ଆରମ୍ଭ

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତର ବୁଡୁନି ଗ୍ରାମରେ ଆଦିମ ଜନଜାତି ଡଙ୍ଗରିଆଙ୍କ ବିନା ମୂଲ୍ୟରେ ଚକ୍ଷୁ ପରୀକ୍ଷା, ଚିକିତ୍ସା ଓ ଅସ୍ତ୍ରୋପଚାର ନିମନ୍ତେ ଓଡ଼ିଶା ଆଦିବାସୀ ଚକ୍ଷୁ ଅଧ୍ୟୟନ ଗବେଷଣା ପ୍ରକଳ୍ପ ଶୁକ୍ରବାର ଆରମ୍ଭ ହୋଇଛି। ଜିଲାପାଳ ସରୋଜ କୁମାର ମିଶ୍ର ଏହାର ଶୁଭାରମ୍ଭ କରିଛନ୍ତି। ଭାରତ ସରକାରଙ୍କ ଜନଜାତି କଲ୍ୟାଣ ମନ୍ତ୍ରଣାଳୟ ସହାୟତାରେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଅଧୀନ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ ),ପାର୍ସଲି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ବୁଡୁନି, ଚାଟିକଣା ଓ ତେନ୍ତୁଳିଖୁଣ୍ଟି ଗ୍ରାମର ୧୦୦ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଏଲ୍.ଭି. ପ୍ରସାଦ ଚକ୍ଷୁ ସଂସ୍ଥାନ ହାଇଦ୍ରାବାଦର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ଜିଲାପାଳ ଡଙ୍ଗରିଆମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ବିଶେଷକରି ପାନୀୟ ଜଳ, ପିଡିଏସ୍ ଚାଉଳ, ଭତ୍ତା, ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିଶୁମାନଙ୍କୁ ଠିକ୍ ଭାବେ ଅଣ୍ଡା ବଣ୍ଟନ ପାଇଁ ଅଙ୍ଗନୱାଡି କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସିଙ୍ଗାରି ପଞ୍ଚାୟତର ବାରିଗୁଡ଼ା ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଓଏଲ୍ଏମ୍ ସହାୟତାରେ ଏସ୍ଏଚ୍‌ଜିଙ୍କ ଦ୍ୱାରା କରାଯାଇଥିବା ଲଙ୍କା ଓ ମକାଚାଷ ଜମି ବୁଲି ଦେଖିବା ସହ ପୂର୍ବ ବର୍ଷଠାରୁ ଅଧିକ ଅମଳ ପାଇଁ ଚେଷ୍ଟା କରିବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କରଞ୍ଜି ଗ୍ରାମକୁ ଯାଇ ଅନୁରୂପ ଭାବରେ ପାନୀୟ ଜଳ, ପିଡିଏସ୍ ଚାଉଳ, ଭତ୍ତା, ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଠିକ୍‌ଭାବେ ମିଳୁଛି କି ନାହିଁ ପଚାରି ବୁଝିଥିଲେ। ଆଇଟିଡିଏ ଓ ଡିକେଡିଏ ପକ୍ଷରୁ ମିଳିତ ଭାବରେ ଅନୁଧ୍ୟାନ କରି ଜଳସେଚନ ସୁବିଧା ଯୋଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା ଆଇଟିଡିଏ ପିଏ ଟୁକୁ ବାରିକ, ପାର୍ସାଲି ଓ ଚାଟିକଣା ଡିକେଡିଏର ସ୍ୱତନ୍ତ୍ର ଅଧିକାରୀ ମଦନ ମୋହନ ଦଳବେହେରା, ବିଡିଓ ସୁଧାକର ରଇତ ଏବଂ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବାଇକ୍‌କୁ ବଞ୍ଚାଇବାକୁ ଯାଇ ଗଛରେ ପିଟିହେଲା କାର୍: ୪ ଆହତ

**ଡାବୁଗାଁ,୭।୮(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ–ପାପଡ଼ାହାଣ୍ଡି ୩୯ ନଂ ରାଜ୍ୟ ରାଜପଥରେ ବାଇକ୍ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଦୁର୍ଘଟଣା ଘଟିଛି। ଏଥିରେ କାର୍ ଏବଂ ବାଇକ୍‌ରେ ଥିବା ୪ ଜଣ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ, ଧୋଡ୍ରାରୁ ସାଇ ସିଦ୍ଧାର୍ଥ ଭୂୟାଁ କାର୍(ଓଡି ୧୦ ଆର୍ ୦୪୯୮) ଯୋଗେ ଭାଉଜଙ୍କୁ ନେଇ ନବରଙ୍ଗପୁର ଖ୍ରୀଷ୍ଟିଆନ ହସ୍ପିଟାଲକୁ ଯାଉଥିଲେ। ତାଙ୍କ ସହ କାର୍‌ରେ ଭାଇ ଏବଂ ଅନ୍ୟଜଣେ ବ୍ୟକ୍ତି ମଧ୍ୟ ଥିଲେ। ଏହି ସମୟରେ ପାପଡ଼ାହାଣ୍ଡି ଦିଗରୁ ଟିଭିଏସ୍ ଏକ୍ସଏଲ ବାଇକ ଯୋଗେ ଘୁସୁରାବେଡ଼ା ଗ୍ରାମର ଭଗବାନ ସୁନା(୬୫) ଓ ତାଙ୍କ ସ୍ତ୍ରୀ ଦୀପ୍ତିମୟୀ ସୁନା(୬୦) ଗାଁକୁ ଫେରୁଥିଲେ। ବିରିସୋଲା ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇବାରୁ ସେମାନଙ୍କୁ ବଞ୍ଚାଇବାକୁ ଯାଇ କାର୍‌ଟି ରାସ୍ତାପାର୍ଶ୍ୱ ଗଛରେ ପିଟି ହୋଇଥିଲା। ଏଥିରେ କାର୍‌ରେ ବସିଥିବା ସିଦ୍ଧାର୍ଥଙ୍କ ଭାଇ, ଭାଉଜ ଆହତ ହୋଇଥିଲେ ସେମାନଙ୍କୁ ଉଦ୍ଧାର କରାଯାଇ ପାପଡ଼ାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ବାଇକରେ ଥିବା ବୟସ୍କ ଦମ୍ପତିଙ୍କୁ ଡାବୁଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି। ଡାବୁଗାଁ ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ ତୀବ୍ର ହେବ




ସମ୍ମିଳନୀରେ ଏସ୍‌ସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ , ଉମରକୋଟ ବିଧାୟକ ଓ ଅନ୍ୟମାନେ ।

**ଉମରକୋଟ,୭।୮(ସ୍ୱ.ପ୍ର.)**

### ଦଳିତଙ୍କ ଉପରେ ଆକ୍ରମଣକୁ ଭାଜପାର ନିନ୍ଦା

ଉମରକୋଟ ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ଏସ୍‌ସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଜି. ସଞ୍ଜୀବ କୁମାର ଏବଂ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହି ବିଜେଡି ସରକାରଙ୍କ ଶାସନରେ ଦୁର୍ନୀତି ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଲୋକଙ୍କ ଉପରେ ଆକ୍ରମଣ କରାଯାଉଥିବା ଅଭିଯୋଗ କରିବା ସହ ଘଟଣାର ନିନ୍ଦା କରିଥିଲେ। ଆଳି ଥାନାରେ ସରପଞ୍ଚ କିଶୋର ମଲ୍ଲିକଙ୍କ ପରିବାର ଉପରେ ଅତର୍କିତ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ଧାରଣାରେ ବସିଥିବା ଦଳିତ ମହିଳାଙ୍କୁ ରାତିଅଧିଆ ଆକ୍ରମଣ କରାଯିବା ସହ ତଡ଼ିଦିଆଯାଇଥିଲା। ଏମିତିକି ସେଠାରେ ଥିବା ବି. ଆର୍. ଆମ୍ବେଡକରଙ୍କ ଫଟୋକୁ ଗୋଇଠା ମାରି ଅସମ୍ମାନ କରିଥିଲେ। ହେଲେ ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଆଗାମୀ ଦିନରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନେଲେ ଭାଜପା ଏସ୍‌ସି ମୋର୍ଚ୍ଚା ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଶୁତୋଷ ମଣ୍ଡଳ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଏସ୍‌ସି ମୋର୍ଚ୍ଚା ଜିଲା ସଭାପତି ପରିମଳ ମଣ୍ଡଳ, ଉମରକୋଟ ଏସ୍‌ସି ମୋର୍ଚ୍ଚାର କମଲୁ ହରିଜନ ଓ ଉମରକୋଟ ଭାଜପା ନଗର ସଭାପତି ସୁରେଶ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

# ମା' କ୍ଷୀର ଶିଶୁ ପାଇଁ ଅମୃତ ସମାନ

**ଉମରକୋଟ,୭।୮(ସ୍ୱ.ପ୍ର.)**

### ସ୍ତନ୍ୟପାନ ସପ୍ତାହରେ ସଚେତନତା

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କୁର୍ସି ପଞ୍ଚାୟତରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଏକ ଜନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ପଞ୍ଚାୟତର ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ସ୍ତନ୍ୟପାନ ସପ୍ତାହ ପାଳନକରାଯାଇଥିଲା।ଏଥିରେଅଙ୍ଗନୱାଡି କର୍ମୀ, ଆଶା, ଏସ୍ଏସ୍‌ଜି ସଦସ୍ୟା ଏବଂ ୱାର୍ଡମେମ୍ବରମାନେ ସହଯୋଗ କରିଥିଲେ। ସେହିପରି ପଞ୍ଚାୟତର ଆଶା, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସହାୟତାରେ ଏକ ଶୋଭାଯାତ୍ରା ବାହାରିଥିଲା। ଏଥିରେ ପ୍ରସୂତି ଓ ଗର୍ଭବତୀଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟରେ ସମସ୍ତ ଗର୍ଭବତୀ ଓ ପ୍ରସୂତିଙ୍କୁ ଏକାଠି କରି ଶିଶୁ ପାଇଁ ମା' କ୍ଷୀର ଅମୃତ ସମାନ ବୋଲି ସଚେତନ କରିଥିଲେ। ମା' କ୍ଷୀର ଶିଶୁର ଶାରୀରିକ ଓ ମାନସିକ ସ୍ଥିତିକୁ ମଜଭୁତ କରିଥାଏ। ତେଣୁ ଶିଶୁଙ୍କୁ ନିର୍ଦ୍ଦିଷ୍ଟ ବୟସ ପର୍ଯ୍ୟନ୍ତ ମା' କ୍ଷୀର ଦେବା ନିହାତି ଆବଶ୍ୟକ ବୋଲି କୁହାଯାଇଛି। କୁର୍ସି ଆଇସିଡିଏସ୍ ପରିଦର୍ଶିକା ସରିତା ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବଂଶଧାରା ଉପରମୁଣ୍ଡରେ ପ୍ରକଳ୍ପ ଦାବି କଲା ବ୍ରାହ୍ମଣ ସମାଜ

**ଗୁଣପୁର,୭।୮(ଡି.ଏନ୍.ଏ.)**

ବଂଶଧାରା ନଦୀର ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦାବି ନେଇ ଆନ୍ଦୋଳନ ଶନିବାର ୭ମ ଦିନରେ ପହଞ୍ଚିଛି। ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ଶନିବାର ବ୍ରାହ୍ମଣ ସମାଜ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଗୁଣପୁର ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ରାଜେନ୍ଦ୍ର ଚୌଧୁରିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଦୁର୍ଗା ପ୍ରସାଦ ପାଣିଗ୍ରାହୀ, ଉମାଶଙ୍କର ଦାସ, ପ୍ରଶାନ୍ତ ହୋତା, ମିଲି ପାଢ଼ୀ, ନୁନୁ ପାଢ଼ୀ, ରମେଶ ଶତପଥୀ, କୈଳାସ ମିଶ୍ର, ଜ୍ଞାନରଞ୍ଜନ ନିଶଙ୍କ, ନରସିଂହ ମହାନ୍ତି,କାହ୍ନୁ ପାଢ଼ୀ, ଗଜା ପାଲ, ଦେବାଶିଷ ସାହୁ, ପୂର୍ଣ୍ଣଚନ୍ଦ୍ର ହୋତା, ଅଜିତ ପଣ୍ଡା, କୃଷ୍ଣଚନ୍ଦ୍ର ମିଶ୍ର, ମୁନା ପାଣି, ରାମ ପଣ୍ଡା, ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଝରଣାପାଣି ପିଇ ବଞ୍ଚୁଛନ୍ତି ଡାକଟିମୁଣ୍ଡି ଗ୍ରାମବାସୀ

**ଚନ୍ଦ୍ରପୁର,୭।୮(ଡି.ଏନ୍.ଏ.)–**

### ପାନୀୟ ଜଳ ସମସ୍ୟାର ହେଉନି ସମାଧାନ

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ପଞ୍ଚାୟତର ଡାକଟିମୁଣ୍ଡି ଗ୍ରାମ। ଗାଁରେ ୧୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୫ କି.ମି. ଦୂରରେ ରହିଛି ଏହି ଗାଁ। ହେଲେ ପାନୀୟ ଜଳ ସମସ୍ୟା ଗ୍ରାମବାସୀଙ୍କ ପ୍ରମୁଖ ଚିନ୍ତା ହୋଇଛି। ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗାଁରେ ନଳକୂପ ଅଚଳ ଅବସ୍ଥାରେ ପଡ଼ିଛି। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନଳକୂପ ମରାମତି କିମ୍ବା ନୂତନ ନଳକୂପ ସ୍ଥାପନ ପାଇଁ ଗ୍ରାମବାସୀ ଅନେକ ଥର ସରପଞ୍ଚ, ସମିତିସଭ୍ୟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି। ଏବେ ଗାଁ ନିକଟସ୍ଥ ଜଙ୍ଗଲ ମଧ୍ୟରେ ୩୦ ଫୁଟ ଗଭୀରରେ ରହିଥିବା ଏକ ଝରଣା ଭରସା ହୋଇଛି। ସେଠାରୁ ପାଣି ଆଣି ବ୍ୟବହାର କରୁଥିବା ଗ୍ରାମର ଇନ୍ଦ୍ରାବତୀ ଗଡିକା, କୁମାରୀ ବ୍ରେଡେକା, ସୁନୀଲ ବ୍ରେଡେକା ପ୍ରମୁଖ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ୩୦ ଫୁଟ ତଳ ଝରଣା ନିକଟକୁ ଯିବା ମଧ୍ୟ ବୃଦ୍ଧା ଏବଂ ମହିଳାଙ୍କ ପାଇଁ କଷ୍ଟକର ହେଉଛି। ସେହିପରି ବର୍ଷା ଯୋଗୁ କାଦୁଅ ରାସ୍ତାରେ ପାଣି ବୋହି ଆଣିବାରେ ବହୁ ଅସୁବିଧା ହେଉଥିବା ଗ୍ରାମର ଗୋବିନ୍ଦ ବ୍ରେଡେକା, ଲିଙ୍ଗା ବ୍ରେଡେକା କହିଛନ୍ତି। ତେଣୁ ଶୀଘ୍ର ବିଡିଓ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ବିଷୟରେ ଚନ୍ଦ୍ରପୁର ବିଡିଓ ଜର୍ଜ ଡୁଙ୍ଗ୍‌ଡୁଙ୍ଗ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି, ଶୀଘ୍ର ଆର୍‌ଡବ୍ଲ୍ୟୁଏସ୍ଏସ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ କହି ନୂତନ ନଳକୂପ ଖନନର ପ୍ରସ୍ତାବ ରଖାଯିବ।



ମହିଳାମାନେ ଝରଣାରୁ ପାଣି ସଂଗ୍ରହକରି ନେଉଛନ୍ତି।

# ୪୦ଖଣ୍ଡ ଗାଁ ଲୋକଙ୍କ ଭରସା କାଠପୋଲ

**ନବରଙ୍ଗପୁର,୭।୮(ବି.ପ୍ର.)**



କାଠ ପୋଲ ।

- ପୋଲ ଭିତ୍ତିପ୍ରସ୍ତରକୁ ବିତିଲା ୫ବର୍ଷ, କାମ ଶିଥିଳ
- ବର୍ଷାଦିନେ ବୁଡ଼ିଯାଉଛି କାଠପୋଲ, ଦେଶୀ ଡଙ୍ଗାରେ ହୁଅନ୍ତି ନଦୀ ପାର

ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ ସାଧାରଣ ଲୋକେ ଯିବା ଆସିବା ନେଇ ସରକାର ଲଗାତର କୋଟି କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁରୀ କରୁଛନ୍ତି। ସେତୁ, ସଡ଼କ ନିର୍ମାଣ ପାଇଁ ଟେଣ୍ଡର କରାଯାଉଛି। ପ୍ରଶାସନିକ ଅଧିକାରୀଙ୍କ ଢିଲା ତଦାରଖ ଓ ଠିକାଦାରଙ୍କ ଅବହେଳା ଯୋଗୁ ତାହା କିନ୍ତୁ କଚ୍ଛପ ଗତିରେ ଚାଲିଛି। କୋଷାଗୁମୁଡ଼ା ବ୍ଲକର ଟିର୍ମା ବ୍ରିଜ୍ ନିର୍ମାଣରେ ତାହା ସ୍ପଷ୍ଟ ବାରି ହୋଇପଡୁଛି। ୨୦୧୬ରୁ କାମ ଆରମ୍ଭ ହୋଇଥିଲେ ମଧ୍ୟ ୫ ବର୍ଷ ହେଲାଣି ତାହା ଶେଷ ହୋଇପାରୁନାହିଁ। ଗମନାଗମନ ପାଇଁ ଲୋକେ ଜୀବନକୁ ବାଜି ଲଗାଇ କାଠ ପୋଲରେ ଯାତାୟାତ କରୁଛନ୍ତି। ଏହା ଉପରେ ନବରଙ୍ଗପୁର ଜିଲାର କୋଷାଗୁମୁଡା ବ୍ଲକ ଓ କୋରାପୁଟ ଜିଲା କୋଟପାଡ଼ ବ୍ଲକର ୪୦ଖଣ୍ଡ ଗ୍ରାମ ଲୋକ ନିର୍ଭର କରୁଛନ୍ତି।

ଇନ୍ଦ୍ରାବତୀ ନଦୀ ଆରପାଖେ ବଜାର ହାଟ। ନଦୀ ପାରିହୋଇ ନ ଗଲେ ଘରେ ଚୁଲି ଜଳିବା ମୁସ୍କିଲ। ନିଜେ ନଦୀରେ କାଠଧଡ଼ା ବାନ୍ଧି ବିପଜ୍ଜନକ ଭାବେ ଯାଉଛନ୍ତି ଲୋକେ। ବର୍ଷାଦିନେ କାଠପୋଲଟି ବୁଡ଼ିଯାଉଥିବାରୁ ବହୁ କଷ୍ଟରେ ଦେଶୀଡଙ୍ଗା ସାହାଯ୍ୟରେ ନଦୀ ପାର ହୁଅନ୍ତି। ଆଉ ଯଦି ଡଙ୍ଗା ନ ମିଳେ ତା'ହେଲେ ଜୀବନଧାରା ଏକ ପ୍ରକାର ଠପ୍ ହୋଇଯାଏ। ଏହା ଉପରେ ନିର୍ଭର କରନ୍ତି କୋରାପୁଟ ଜିଲା କୋଟପାଡ଼ ବ୍ଲକ ଓ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକର ୪୦ରୁ ଅଧିକ ଗାଁର ବାସିନ୍ଦା। ସେମାନଙ୍କ ସୁବିଧା ପାଇଁ କୋଷାଗୁମୁଡ଼ା ବ୍ଲକ ଟିର୍ମା ପଞ୍ଚାୟତରେ ଟିର୍ମା ବ୍ରିଜ୍ ନିର୍ମାଣ କରାଯାଉଛି। ହେଲେ ଏହା ଶେଷ ହେବାର ନାଁ ନେଉନାହିଁ । ୨୦୧୬ରୁ କାମ ଆରମ୍ଭ ହୋଇଥିଲେ ହେଁ ଏଯାଏ ବ୍ରିଜ୍‌ର ଗୋଟିଏ ପିଲାର ବି ଉଠିନାହିଁ। ଠିକାଦାରଙ୍କ ମନମୁଖି କାର୍ଯ୍ୟ ଓ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ କାମ ଆଗେଇପାରୁ ନ ଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା। ଇନ୍ଦ୍ରାବତୀ ନଦୀ ଉପରେ ବ୍ରିଜ୍ ନିର୍ମାଣ ପାଇଁ ୨୪ ନଭେମ୍ବର ୨୦୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିପାଇଁ ୧୬କୋଟି ୩୦ଲକ୍ଷ ୧୧ହଜାର ଟଙ୍କା ବ୍ୟୟବରାଦ ହୋଇଥିଲା। ପୂର୍ବରୁ ଟେଣ୍ଡର ପାଇଥିବା ଠିକାଦାରଙ୍କ ଡେଡ୍ ଲାଇନ ସରିଲା ପରେ ମଧ୍ୟ ଆଉ ଗୋଟିଏ ସୁଯୋଗ ଦିଆଯାଇଥିଲା। କିନ୍ତୁ ସେହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଇଞ୍ଚେ ମଧ୍ୟ କାମ ଆଗେଇପାରି ନ ଥିଲା। ସମ୍ପୃକ୍ତ ଠିକାଦାର ୪ବର୍ଷ ମଧ୍ୟରେ ୯ଟି ପିଲାର ଉଠାଇବାକୁ ଚେଷ୍ଟାକରି ୨କୋଟି ୪୩ଲକ୍ଷ ୮୬ହଜାର ଟଙ୍କା ଉଠାଇ ନେଇଥିଲେ। କିନ୍ତୁ ୪ବର୍ଷ ମଧ୍ୟରେ ପିଲାର ଗୋଟିଏ ମଧ୍ୟ ସମ୍ପୂର୍ଣ୍ଣ ଉଠିପାରିଲା ନାହିଁ। ଉକ୍ତ ଠିକାଦାରିକୁ ବିଭାଗୀୟ ଅଧିକାରୀ ରଦ୍ଦ କରିଦେଇଛନ୍ତି। ବର୍ତ୍ତମାନ ପୁନର୍ବାର ୧୨କୋଟି ୫୪ଲକ୍ଷ ୯୪ହଜାର ଟଙ୍କାରେ ଗତ ଏପ୍ରିଲ ୫ରେ ନୂତନ ଟେଣ୍ଡର ଆହ୍ୱାନ କରାଯାଇଛି। ଯଥାଶୀଘ୍ର ଅନ୍ୟ ଜଣେ ଠିକାଦାର ଉକ୍ତ କାର୍ଯ୍ୟ ଆରମ୍ଭ କରି ସମ୍ପୂର୍ଣ୍ଣ କରିବେ ବୋଲି ନିର୍ବାହୀ ଯନ୍ତ୍ରୀ ସୁଦାମ ଚରଣ ମହାପାତ୍ର ସୂଚନା ଦେଇଛନ୍ତି।

**ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରକୁ ନେଇ କାର୍ଯ୍ୟକ୍ରମ**

କୋରାପୁଟ,(ସ୍ୱ.ପ୍ର.)- କୋରାପୁଟ ଭାରତୀୟ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରକୁ ସ୍ମରଣୀୟ କରିବା ଲାଗି ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ଆସନ୍ତା ୯ରୁ ୧୫ ପର୍ଯ୍ୟନ୍ତ କୋରାପୁଟ ଜିଲାର ସଂସ୍କୃତି ବିଭାଗ କାର୍ଯ୍ୟାଳୟ ପରିସରରେ ଥିବା ଜିଲା ଗ୍ରନ୍ଥାଗାରରେ ବିଭିନ୍ନ ସ୍ମାରକୀ ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯିବ। ସ୍ୱାଧୀନତା ଆନ୍ଦୋଳନ ଉପରେ ଆଧାରିତ ପୁସ୍ତକ, ପୋଷ୍ଟର, ଫଟୋଚିତ୍ର ପ୍ରଦର୍ଶିତ ହେବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ କହିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ସୁନାବେଡ଼ା,୭।୮(ସ୍ୱ.ପ୍ର.)-ସୁନାବେଡ଼ା ଥାନା ଅନ୍ତର୍ଗତ ସେମିଲିଗୁଡ଼ା ସତ୍ୟନଗରସ୍ଥିତ ନିଜ ଘର ପିଣ୍ଡାରେ ଜଣେ ଯୁବକ ଶୁକ୍ରବାର ବିଳମ୍ବିତ ରାତିରେ ବେକରେ ରଶି ବାନ୍ଧି ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଶିବ କୁମାର ସାହୁ (୪୪)। ପରିବାର ଲୋକେ ଜାଣିବା ପରେ ତାଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଶିବ ସେମିଲିଗୁଡ଼ାର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ବସ୍ ଡ୍ରାଇଭର ରୂପେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସେ ଫେରିବା ବିଳମ୍ବ ହେବାରୁ ତାଙ୍କ ସ୍ତ୍ରୀ ଘରୁ ବାହାରକୁ ଆସି ଚାହିଁଥିଲେ। ଏହି ସମୟରେ ଶିବ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଖବରପାଇ ଏଏସଆଇ ଚକ୍ରଧର ହୋତା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ଲାଗି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। କେସ୍ ନଂ.୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ବାମୁଣିପୁଟ ଆଶ୍ରମ ବିଦ୍ୟାଳୟରେ ବୃକ୍ଷରୋପଣ

ଜୟପୁର, ୭।୮ (ନି.ପ୍ର.)-ଜୟପୁର ବ୍ଲକ ଅନ୍ତର୍ଗତ ବାମୁଣିପୁଟ ଆଶ୍ରମ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏଫ୍‌ଓ ଜେ.ପି. ସିଂ, ଜୟପୁର ରେଞ୍ଜର ରଶ୍ମିରଞ୍ଜନ ସ୍ୱାଇଁ, ସେଣ୍ଟ ଜାଭିୟର ସ୍କୁଲ ଅଧକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ହରିଡ଼ା, ବାହାଡ଼ା, ଅଳାଁ ଭଳି ଶହେ ବୃକ୍ଷରୋପଣ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ବ୍ୟବସ୍ଥା ହୋଇଛି।

### ସବୁଜ ବିପ୍ଳବ ଜନକଙ୍କ ଜନ୍ମଦିବସ

ଜୟପୁର, ୭।୮(ନି.ପ୍ର.)-ଏମ୍.ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନ ଆଞ୍ଚଳିକ କାର୍ଯ୍ୟାଳୟଠାରେ ଭାରତର ସବୁଜ ବିପ୍ଳବର ଜନକ ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନଙ୍କ ୯୬ତମ ଜନ୍ମ ଦିବସ ପାଳନ କରାଯାଇଛି। ଭର୍ଚୁଆଲ ମାଧ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭାରତୀୟ ମୃତ୍ତିକା ଏବଂ ଜଳ ସଂରକ୍ଷଣ ସଂସ୍ଥାନ ଡେରାଡୁନ୍‌ର ନିର୍ଦ୍ଦେଶକ ଡ. ଏମ୍. ମଧୁ, ସଂସ୍ଥାର ପୂର୍ବତନ ନିର୍ଦ୍ଦେଶିକା ଆର୍.ଭି. ଭବାନୀ, ପୂର୍ବତନ ନିର୍ଦ୍ଦେଶକ କେ. କ୍ରିଷ୍ଣାକୁମାର, ଚେନ୍ନାଇ କାର୍ଯ୍ୟାଳୟର ବାୟୋଟେକ୍ନୋଲୋଜିର ମୁଖ୍ୟ ପ୍ରଭାବତୀ, ଜୟପୁର କାର୍ଯ୍ୟାଳୟର ନିର୍ଦ୍ଦେଶକ ଏମ୍‌ଏମ୍ ହୁସେନ ଅଂଶଗ୍ରହଣ କରିଥିଲେ। ଏମ୍.ଏସ୍. ସ୍ୱାମୀନାଥନଙ୍କ ଭାରତର କୃଷି କ୍ଷେତ୍ରରେ ଅବଦାନ ଓ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ସେ କରିଥିବା କାର୍ଯ୍ୟକୁ ଅତିଥିମାନେ ମନେ ପକାଇଥିଲେ। ପ୍ରଶାନ୍ତ ପରିଡ଼ା, ଅକ୍ଷୟ ପଣ୍ଡା, କାର୍ତ୍ତିକ ଲେଙ୍କା, ନିରଞ୍ଜନ ଗୌଡ଼ ସହଯୋଗ କରିଥିଲେ।

### କୋରାପୁଟରେ ୭ କରୋନା ପଜିଟିଭ

କୋରାପୁଟ,୭।୮(ସ୍ୱ.ପ୍ର.)- କୋରାପୁଟ ଜିଲାରେ ଶନିବାର ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ ମହିଳା ଓ ୫ ଜଣ ପୁରୁଷ ରହିଛନ୍ତି। କୋରାପୁଟ ବ୍ଲକ ଅଞ୍ଚଳରୁ ୨, ବୋରିଗୁମ୍ମା ବ୍ଲକରୁ ୨, ସୁନାବେଡ଼ା ପୌରାଞ୍ଚଳରୁ ଜଣେ, ଜୟପୁର ବ୍ଲକରୁ ଜଣେ ଓ ଲମତାପୁଟ ବ୍ଲକରୁ ଜଣେ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୬୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟଫୋନ୍



ମାଲକାନଗିରି,୭।୮(ଡି.ଏନ.ଏ.)- ମାଲକାନଗିରି ଜିଲା ଲ୍ୟୁକ୍ କ୍ଲିନିକଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରିଚିଂ ହ୍ୟାଣ୍ଡ ସୋସାଇଟି ପକ୍ଷରୁ ଶୁକ୍ରବାର ଗରିବ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟ ମୋବାଇଲ ଫୋନ୍ ବଣ୍ଟନ କରାଯାଇଛି। ସୋସାଇଟିର କାର୍ଯ୍ୟନିର୍ବାହୀ ସମ୍ପାଦକ ରାଗଲେଣ୍ଡ ରେମୋ ପୌଲଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡ. ସୁଶାନ ସୁନାଲିନୀ ବିଜିଗା ଓ ଜେଇଏଲ୍‌ସିର ଡିନ୍ ଉଜ୍ଜ୍ୱଳ ଚନ୍ଦ୍ର ସତମନ ଯୋଗ ଦେଇଥିଲେ। କରୋନାର ଦ୍ୱିତୀୟ ଲହର ଚାଲିଥିବା ବେଳେ ଅନେକ ଗରିବ ଓ ମେଧାବୀ ଛାତ୍ରୀଛାତ୍ର ସେମାନଙ୍କ ପାଖରେ ମୋବାଇଲ ଫୋନ ନ ଥିବାରୁ ଅନ୍‌ଲାଇନ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ଏହି ସମସ୍ୟା ଦୂର ପାଇଁ ଅନୁଷ୍ଠାନ ଏହି ପଦକ୍ଷେପ ନେଇଛି। ଏହି ଅବସରରେ ମାଲକାନଗିରି, ମାଥିଲି, କାଲିମେଲା, ପଡ଼ିଆ ଓ କୁଡୁମୁଲୁଗୁମ୍ମା ବ୍ଲକର ୬୦ ଜଣ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟ ଫୋନ ବଣ୍ଟନ କରାଯାଇଛି।

# ରାସ୍ତାରେ ରାତିସାରା ବସି ରହିଲେ ଗ୍ରାମବାସୀ

ବୋରିଗୁମ୍ମା,୭।୮(ଡି.ଏନ.ଏ.)

**ଟ୍ରାକ୍ଟର ଧକ୍କାରେ ଜଣେ ମୃତ, ଜଣେ ଗୁରୁତର**



ରାସ୍ତାରେ ବସିଥିବା ଗ୍ରାମବାସୀ ।

ଏକ ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଓ ଅନ୍ୟ ଜଣେ ଗୁରୁତର ଆହତ ହେବା ଘଟଣାକୁ ନେଇ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ବି.ସିଂପୁର ଥାନା ଅଞ୍ଚଳରେ ଶୁକ୍ରବାର ରାତିରୁ ଉତ୍ତେଜନା ଦେଖାଦେଇଛି। ଏହାକୁ ନେଇ ଗ୍ରାମବାସୀ ମୃତଦେହ ବ୍ୟବଚ୍ଛେଦ କରିବାକୁ ନ ଦେଇ ରାତିସାରା ଧାରଣାରେ ବସି ରହିଥିଲେ। ଶନିବାର ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଠାବ ହେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

ଖବରରୁ ଜଣାପଡିଛି ବି.ସିଂହପୁର ଥାନା ଅନ୍ତର୍ଗତ ସେମଳାଗୁଡା –ମୁଣ୍ଡାଗୁଡା ରାସ୍ତାରେ ଶୁକ୍ରବାର ରାତିରେ ଏକ ଟ୍ରାକ୍ଟର ଧକ୍କାରେ ଜଣକର ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଥିବା ଜଣାପଡିଛି। ମୃତକ ହେଲେ ସେମଳାଗୁଡ଼ା ଗ୍ରାମ ହରିଜନ ସାହିର କୁଶ ମହୁରିଆ। ଗୁରୁତର ବ୍ୟକ୍ତି ଜଣକ ହେଲେ ଗ୍ରାମର ଦଶରଥ ହରଜନ। ଦଶରଥଙ୍କୁ କୋରାପୁଟ ଜିଲା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡିଛି ଏହି ଗ୍ରାମର କୁଶ ଓ ଦଶରଥ ଅନ୍ୟ ଦୁଇଜଣଙ୍କ ସହ ମୁଣ୍ଡାଗୁଡା ଗ୍ରାମରୁ କାମସାରି ନିଜ ଗ୍ରାମ ସେମାଳାଗୁଡ଼ାକୁ ଚାଲିଚାଲି ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ କୁଶଙ୍କ ମୃତ୍ୟୁ ହୋଇଥିବା ବେଳେ ଦଶରଥ ଗୁରୁତର ଆହତ ହୋଇଥିଲେ। ଅନ୍ୟ ଦୁଇ ଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ପାଇ ଗ୍ରାମବାସୀ ପହଞ୍ଚି ଦଶରଥଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରି ମୃତ ଓ ଆହତଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବିକରି ଗ୍ରାମବାସୀ ଧାରଣାରେ ବସିଥିଲେ। ଖବର ପାଇ ବି.ସିଂହପୁର ଥାନା ଅଧିକାରୀ ଟିମ୍‌ସହ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ଗ୍ରାମବାସୀ ଗାଡି ନ ଧରିବା ପର୍ଯ୍ୟନ୍ତ ମୃତଦେହ ଉଠିବ ନାହିଁ ବୋଲି ଜିଦି କରି ରାସ୍ତାରେ ରାତି ତମାମ ବସି ରହିଲେ। ଶନିବାର ସକାଳୁ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଅପରାହ୍ନ ୩ଟାରେ ଦୁର୍ଘଟଣା ଘଟାଇଥିବା ଗାଡି ଠାବ ହୋଇଥିବା ପୋଲିସ ସୂଚନା ଦେବାପରେ ଗ୍ରାମବାସୀ ମୃତଦେହ ବ୍ୟବଚ୍ଛେଦ ଲାଗି ଛାଡିଥିଲେ। ଏନେଇ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଚାଳକ ଫେରାର ଥିବା ଥାନା ଅଧିକାରୀ ଦାମୋଦର ବିହାରୀ କହିଛନ୍ତି।

# କୋରୁକୋଣ୍ଡାରେ ବିଜେଡିର ସାଙ୍ଗଠନିକ ବୈଠକ



ବୈଠକରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା, କର୍ମୀ।

ମାଲକାନଗିରି,୭।୮ (ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଶନିବାର ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ମହକୁମାରେ ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିବ ମନ୍ଦିର ପରିସରରେ ହୋଇଥିବା ଏହି ବୈଠକରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ସଭାପତିତ୍ୱ କରିଥିଲେ। କୋରୁକୋଣ୍ଡା ବ୍ଲକ ସଭାପତି ସତ୍ୟ ପାଣିଗ୍ରାହୀଙ୍କ ମାତୃ ବିୟୋଗ ହୋଇଥିବାରୁ ଏହି ଅବସରରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାଗୁଡିକ ତୃଣମୂଳ ସ୍ତରରେ ଯେପରି ପହଞ୍ଚି ଏଥିରୁ ଲୋକେ ଉପକୃତ ହେବେ ସେଥିପ୍ରତି ଦୃଷ୍ଟି ଦେବା ଏବଂ ଜିଲା, ବ୍ଲକ, ପଞ୍ଚାୟତ ଓ ବୁଥ ସ୍ତରରେ ଦଳର ସାଙ୍ଗଠନିକ ସ୍ଥିତି ମଜଭୁତ୍ ନେଇ ଆଲୋଚନା କରାଯାଇଥିଲା। କର୍ମକର୍ତ୍ତା ଚୟନ କରାଯାଇଥିଲା। ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାରୁ କୋରକୋଣ୍ଡା ବ୍ଲକର ଦୁଇଟି ଜିଲା ପରିଷଦ ଜୋନରେ ଦଳର ବିଜୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଉପସ୍ଥିତ କର୍ମୀମାନେ ଶପଥ ନେଇଥିଲେ। ବୈଠକରେ ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାନସ ମାଡକାମୀ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ, ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ମହିଳା ସଭାନେତ୍ରୀ ସୁକାନ୍ତି ବୁରୁଦା, ସାଙ୍ଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି, ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ଯୁବ ସଭାପତି ଆଡ଼ମା ରାବା, ଛାତ୍ର ଜିଲା ସଭାପତି ତାପସ ରଞ୍ଜନ ନାୟକ ଓ ଗୋପାଳ ପଣ୍ଡା ଉପସ୍ଥିତ ଥିଲେ।

# ଗାଡ଼ି ଜୟପୁରରେ, ଫାଇନ କାଟୁଛି ନବରଙ୍ଗପୁର ଆର୍‌ଟିଓ

ଜୟପୁର, ୭।୮ (ନି.ପ୍ର.)



ନବରଙ୍ଗପୁର ଆରଟିଓ ଚାଲାଣ କାଟିଥିବା ଜୟପୁରର ଗାଡି।

ନବରଙ୍ଗପୁର ଆରଟିଓ କାର୍ଯ୍ୟାଳୟରେ ଚାଲିଛି ଅଜବ ନୀତି। ଜଣେ ଗାଡି ମାଲିକଙ୍କ ଗାଡି ଅଛି ଜୟପୁରରେ ଅଥଚ ସେହି ଗାଡିକୁ ଫାଇନ କାଟିଛନ୍ତି ନବରଙ୍ଗପୁର ଆରଟିଓ। ଚାଲାଣରେ ବିନା ଡ୍ରାଇଭିଂ ଲାଇସେନ୍ସରେ ଓଭର ସ୍ପିଡ ଗାଡି ଚାଳନା ଦର୍ଶାଯାଇଛି । ନବରଙ୍ଗପୁରଠାରୁ ଉମରକୋଟ ରାସ୍ତା ବାରିଆଗୁଡା ନିକଟରେ ଆରଟିଓ ଧରିଥିବା ମଧ୍ୟ ଦର୍ଶାଯାଇଛି । ଶନିବାର ଜୟପୁର ସହର ବ୍ରହ୍ମାସାହିର ତୁଷାରକାନ୍ତ ପାଢ଼ୀ ନିଜ ଘରେ ଥିବା କାର ଓଡି୧୦ଏଲ୍–୧୧୧୯ ନେଇ କୁଆଡେ ବାହାରକୁ ଯାଇନାହାନ୍ତି। ମାତ୍ର ନବରଙ୍ଗପୁର ଆରଟିଓ ଓଭର ସ୍ପିଡ ଓ ଡ୍ରାଇଭିଂ ଲାଇସେନ୍ସ ନ ଥିବା ଦର୍ଶାଇ ୭ ହଜାର ଟଙ୍କା ଚାଲାଣ କାଟିଥିବା ତାଙ୍କ ମୋବାଇଲକୁ ମ୍ୟାସେଜ ଆସିଛି। ଫଳରେ ଏହା ଦେଖି ତୁଷାର ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ସେ ବାହାରକୁ କୁଆଡେ ଯାଇନାହାନ୍ତି। ଗାଡି ମଧ୍ୟ ଘରେ ଅଛି। ଏପରି ସ୍ଥଳେ ତାଙ୍କର କାହିଁକି ଚାଲାଣ କଟାଗଲା ବୋଲି ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ତୁଷାର ନବରଙ୍ଗପୁର ଆରଟିଓ ଅଫିସ ସହ ଯୋଗାଯୋଗ କରିବାରୁ ଆରଟିଓ ଦାୟିତ୍ୱରେ ଥିବା କୋରାପୁଟ ଆରଟିଓ ପ୍ରସନ୍ନ କୁମାର ଦାସଙ୍କୁ ପଚାରିବାରୁ ସେ ଟିକେ ଭୁଲରେ ଏମିତି ହୋଇଯାଇଛି। ଆମେ ଦେଖୁଛୁ ବୋଲି କହିଥିଲେ।

# ସ୍ୱାସ୍ଥ୍ୟ ସଚେତନତା ରଥର ଶୁଭାରମ୍ଭ




କୋରାପୁଟ,୭।୮(ସ୍ୱ.ପ୍ର.)

କୋରାପୁଟ ଜିଲା ପ୍ରଶାସନ ଓ ସେଭ୍ ଦି ଚିଲଡ୍ରେନ ସଙ୍ଗଠନର ମିଳିତ ଉଦ୍ୟମରେ କୋଭିଡ ଉପରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଶନିବାର ଏକ ସ୍ୱାସ୍ଥ୍ୟ ସଚେତନତା ରଥ ଶୁଭାରମ୍ଭ ହୋଇଛି। କୋରାପୁଟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସିଡିଏମଓ ଡାକ୍ତର ମକରନ୍ଦ ବେଉରା ଅତିଥି ଭାବେ ଯୋଗଦେଇ ସବୁଜ ପତକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଜିଲାରେ ଥିବା ୧୨୦ ଗ୍ରାମରେ ଏହି ରଥ କୋଭିଡ୍ ସମ୍ପର୍କରେ ସଚେତନତା ସୃଷ୍ଟି କରି କୋଭିଡ୍ ତଥ୍ୟ ପ୍ରଚାର ସହ ଏକ ଟୋଲଫ୍ରି ନମ୍ବର ସମ୍ପର୍କରେ ଲୋକଙ୍କୁ ଅବଗତ କରିବ ବୋଲି ସେଭ୍ ଦି ଚିଲଡ୍ରେନର ପ୍ରକଳ୍ପ ନିର୍ଦ୍ଦେଶକ ବିଦ୍ୟାଧର ମେହର କହିଥିଲେ।

# ୩୦ ହିତାଧିକାରୀ ପାଇଲେ ପଟ୍ଟା

କାଲିମେଲା,୭।୮(ଡି.ଏନ୍.ଏ.)

**ବୁଲୁଛି ଭ୍ରାମ୍ୟମାଣ ରାଜସ୍ୱ ରଥ**

ମାଲକାନଗିରି ଜିଲା କାଲିମେଲା ବ୍ଲକରେ ଭ୍ରାମ୍ୟମାଣ ରାଜସ୍ୱ ରଥ ମାଧ୍ୟମରେ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜସ୍ୱ ବିଭାଗୀୟ ଅଧିକାରୀଙ୍କ ସହ ମୋଟୁ ତହସିଲଦାର ଶଶାଙ୍କ ମିଶ୍ର ସାମିଲ ହୋଇଛନ୍ତି। ସେମାନେ ଗ୍ରାମାଞ୍ଚଳରେ ପହଞ୍ଚି ଲୋକଙ୍କୁ ସେବା ଯୋଗାଇ ଦେଉଛନ୍ତି। ଏହି ରଥ ପଡ଼ିଆରେ ଲୋକଙ୍କୁ ଜମିଜମା ସଂକ୍ରାନ୍ତୀୟ ସେବା ଯୋଗାଇଦେଇଛି। ପଡ଼ିଆ ଓ ନିଳିଗୁଡ଼ା ପଞ୍ଚାୟତ ସଦର ମହକୁମାରେ କ୍ୟାମ୍ପ କରି ତହସିଲଦାର ମିଶ୍ର ସ୍ଥାନୀୟ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଛନ୍ତି। ରାଜସ୍ୱ ରଥ ପଡିଆରେ ପହଞ୍ଚିବା ପରେ ପଡ଼ିଆ ଓ ଆଖପାଖ ଅଞ୍ଚଳର ୩୦ ଜଣ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ପଡିଆରେ ଅନୁଷ୍ଠିତ କ୍ୟାମ୍ପରେ ୧୨ଟି ଅଭିଯୋଗର ବିଚାର କରାଯାଇଥିଲା। ଜଣେ ଅସହାୟ ଯୁବକଙ୍କୁ ବାସଗୃହ ନିର୍ମାଣ ଲାଗି ଘରଡିହ ଯୋଗାଇଦେବାକୁ ତହସିଲଦାର ମିଶ୍ର ରାଜସ୍ୱ ନିରୀକ୍ଷକ ଚିନ୍ମୟ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନିଳିଗୁଡା ପଞ୍ଚାୟତ ସଦର ମହକୁମାରେ ମଧ୍ୟ କ୍ୟାମ୍ପ କରାଯାଇ ଅଭିଯୋଗର ଶୁଣାଣି ହୋଇଥିଲା। ଏ ସମ୍ପର୍କରେ ତହସିଲଦାର ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, କୋଭିଡ୍ ଯୋଗୁ କଟକଣା ଜାରି ହୋଇଥିବାରୁ ଲୋକେ କାର୍ଯ୍ୟାଳୟକୁ ଯାଇ ସେବା ପାଇପାରୁନାହାନ୍ତି। ସେମାନଙ୍କୁ ଏହି ସେବା ଯୋଗାଇଦେବାକୁ ସରକାରଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମ ଚାଲିଛି। କାଲିମେଲା ବ୍ଲକର ପଡିଆ ଓ ନିଳିଗୁଡା ପଞ୍ଚାୟତରେ ପଟ୍ଟା ବଣ୍ଟନ ସହ କ୍ୟାମ୍ପ କରାଯାଇ ଲୋକଙ୍କ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱାରୋପ କରାଯାଇଥିଲା।

# ଭାରତ ସ୍କାଉଟ ଓ ଗାଇଡ ଜିଲା ଶାଖା ପକ୍ଷରୁ ପ୍ରମାଣପତ୍ର ବଣ୍ଟନ

ଜୟପୁର, ୭।୮ (ନି.ପ୍ର.)

ଭାରତ ସ୍କାଉଟ ଓ ଗାଇଡ ଜିଲା ଶାଖା ତରଫରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲାର ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ପୁରସ୍କାର ରୂପେ ପ୍ରମାଣପତ୍ର ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏଥିରେ ସରକାରୀ ପୌର ବାଳିକା ଉଚ୍ଚ ବିଦ୍ୟାଳୟ, ଜୟପୁର, ଉପର କୋଲାବ ଉଚ୍ଚ ବିଦ୍ୟାଳୟ, ସିଟି ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶାରଦା ବିହାର, ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କୋଟପାଡ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ରହି ଛାତ୍ରୀ ଛାତ୍ରଙ୍କ ପକ୍ଷରୁ ସାର୍ଟିଫିକେଟ ଗ୍ରହଣ କରିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତଥା ଭାରତ ସ୍କାଉଟ ଓ ଗାଇଡର ଜିଲା ସମ୍ପାଦକ ବାସିଦେବ ରଥ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓମ୍ ପ୍ରକାଶ ମିଶ୍ର ଏବଂ ଜିଲା ଜୁନିୟର ରେଡକ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଉପସ୍ଥିତ ରହି ସାର୍ଟିଫିକେଟ ପ୍ରଦାନ କରିଥିଲେ। କ୍ରୀଡାଶିକ୍ଷକ ନରେଶ ଷଡଙ୍ଗୀ ସହଯୋଗ କରଥିଲେ।



ପ୍ରମାଣପତ୍ର ଗ୍ରହଣ କରିଥିବା ଶିକ୍ଷୟିତ୍ରୀଶିକ୍ଷକମାନେ।

# ଦେଓମାଳିର ଉନ୍ନତି ନେଇ ଆଲୋଚନା

ପଟ୍ଟାଙ୍ଗୀ,୭।୮(ଡି.ଏନ.ଏ.)– କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର ଦେଓମାଳି ପର୍ଯ୍ୟଟନ ସ୍ଥଳୀକୁ ଶନିବାର ଜିଲାପାଳ ଅବଦାଲ ମହମ୍ମଦ ଅଖତାର ଗସ୍ତ କରିଥିଲେ। ବ୍ଲକର କୋଟିଆ ପଞ୍ଚାୟତ ତଲଗଞ୍ଜେଇପଦର ଓ ମାଡକାକୁ ଆନ୍ଧ୍ର ଅଧିକାରୀଙ୍କ ବିରୋଧ କରିବା ଲାଗି ଗସ୍ତ କରିଥିବା ଉପ ଜିଲାପାଳ ଲଳିତ କୁମାର କଅଁର, ସୁନାବେଡା ଏସଡିପିଓ ମନୋଜ ବେହେରା, ପଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳ, ବିଡିଓ ବେଦ ଭୂଷଣ ପ୍ରମୁଖ କୋଟିଆ ପଞ୍ଚାୟତରୁ କାର୍ଯ୍ୟ ସାରି ଦେଓମାଳିରେ ଯାଇ ପହଞ୍ଚିଥିଲେ। ସେଠାରେ ଜିଲାପାଳଙ୍କ ଏବଂ ପ୍ରଶାସନିକ ଅଧିକାରୀମାନେ ଦେଓମାଳିର ଉନ୍ନତି ନେଇ ଆଲୋଚନା କରିଥିଲେ। ଏହି ପର୍ଯ୍ୟଟନ ସ୍ଥଳିର ଉନ୍ନୟନ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା।

# ଧୂଳିପୁଟ ପଞ୍ଚାୟତ ରାସ୍ତା ଶୋଚନୀୟ

ମାଲକାନଗିରି/ ଚିତ୍ରକୋଣ୍ଡା, ୭।୮ (ଡି.ଏନ.ଏ.)



କାଦୁଅ ହୋଇପଡିଥିବା ରାସ୍ତା।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳର ଧୂଳିପୁଟ ପଞ୍ଚାୟତ ସଦର ମହକୁମାକୁ ଯାଇଥିବା ରାସ୍ତା ଅତି ଶୋଚନୀୟ ହୋଇପଡିଛି। ଏବେ ବର୍ଷା ଦିନ ଯୋଗୁ ଉକ୍ତ ରାସ୍ତାରେ ଯାତାୟାତ କରିବାରେ ପଞ୍ଚାୟତବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧୂଳିପୁଟ ଯିବାକୁ ଡୋଲିଆମ୍ବଠାରୁ ମାଳିଗୁଡା ପର୍ଯ୍ୟନ୍ତ ପିଡବ୍ଲୁଡି ପକ୍ଷରୁ ଚାଲିଥିବା ରାସ୍ତା କାମ ସାରିଗୁଡା ନିକଟସ୍ଥ କଲଭର୍ଟ ପାଖରେ ଅତ୍ୟଧିକ କାଦୁଅ ଜମା ହୋଇ ରହିଛି। ଫଳରେ ସେହି ରାସ୍ତା ଦେଇ ଜନସାଧାରଣ ଓ ଦୁଇ ଚକିଆ, ଚାରିଚକିଆ ଗାଡି ଯିବା କଷ୍ଟକର ହେଉଛି। ପଞ୍ଚାୟତବାସୀ ମାଳିଗୁଡା ନାଳରେ ଆରମ୍ଭ ହେବାକୁ ଥିବା ପୋଲ କାର୍ଯ୍ୟ ଏଯାଏ ଆରମ୍ଭ ହୋଇନାହିଁ। ଏହା ହୋଇପାରିଲେ ପଞ୍ଚାୟତବାସୀ ଉପକୃତ ହୋଇପାରନ୍ତେ। ଏହି କାଦୁଅ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଲୋକଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

କୋରାପୁଟ,୭।୮(ସ୍ୱ.ପ୍ର.)–



କର୍ମୀ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ଓ କର୍ମୀ।

**ମାନବାର,କେନ୍ଦାର ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ**

ଶନିବାର କୋରାପୁଟ ବ୍ଲକ ଅନ୍ତର୍ଗତ ମାନବାର ଓ କେନ୍ଦାର ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ବ୍ଲକ ସଭାପତି ସଞ୍ଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସମ୍ମିଳନୀରେ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ଲାଭ କିପରି ଗ୍ରାମାଞ୍ଚଳରେ ଥିବା ପ୍ରତ୍ୟେକ ହିତାଧିକାରୀଙ୍କ ପାଖରେ ପହଞ୍ଚିବ ସେ ନେଇ ଦୃଷ୍ଟି ଦେବାକୁ ଉପସ୍ଥିତ କର୍ମକର୍ତ୍ତା ଓ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ପଞ୍ଚାୟତର ବିଭିନ୍ନ ୱାର୍ଡରେ ରହିଥିବା ସମସ୍ୟାଗୁଡିକ ଉପରେ ଆଲୋଚନା ହୋଇଥିଲା । ସମସ୍ୟାଗୁଡିକ କିପରି ସମାଧାନ ହେବ ସେନେଇ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତବାସୀଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। ଏହି ସମ୍ମିଳନୀରେ ପ୍ରତ୍ୟେକ ୱାର୍ଡରୁ ୨ ଜଣ ଲେଖାଏ କର୍ମୀ ଯୋଗ ଦେଇଥିଲେ । ଜିଲା ବିଜେଡି ଉପସଭାପତି ଉତ୍କଳ ରଞ୍ଜନ ନାୟକ, ଭରତ ମଲ୍ଲିକ, ଜିଲା ଯୁବ ବିଜେଡି ସଭାପତି ଅମିତ ଅଗ୍ରୱାଲ, କୋରାପୁଟ ନଗର ସଭାପତି ସୁରେଶ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟା ପାର୍ବତୀ ମସ୍ତି, ବ୍ଲକ ଯୁବ ସଭାପତି ମଣ୍ଟୁ ବେନିଆ, ରଘୁ ଜାନି ପ୍ରମୁଖ ଉପସ୍ଥିତ ଥିଲେ ।

# 'ନାରୀବାଦୀ ଆଦର୍ଶ ଓ ନାରୀବାଦୀ ନାନ୍ଦନିକତା' ଶୀର୍ଷକ ଆଲୋଚନାଚକ୍ର

ସେମିଳିଗୁଡ଼ା,୭।୮(ସ୍ୱ.ପ୍ର.)




ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଅତିଥି।

ସେମିଳିଗୁଡ଼ା ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍, ଇଂରାଜୀ ଓ ଓଡ଼ିଆ ବିଭାଗର ମିଳିତ ଆନୁକୂଲ୍ୟରେ 'ନାରୀବାଦୀ ଆଦର୍ଶ ଓ ନାରୀବାଦୀ ନାନ୍ଦନିକତା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୱେବିନାର ମାଧ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆଲୋଚକ ଅତିଥି ରୂପେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭିଜିଟିଂ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଗଙ୍ଗାଧର ମେହେର, ଅବସରପ୍ରାପ୍ତ ପ୍ରଫେସର ପଞ୍ଚାନନ ମିଶ୍ର ଯୋଗଦେଇ ସାମ୍ପ୍ରତିକ ସମୟରେ ନାରୀମାନଙ୍କ ସ୍ଥିତି,ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ଅଧକ୍ଷ ନୀଳାଞ୍ଚଳ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଦେଇ ଏହା ଏକ ସମୟୋପଯୋଗୀ କାର୍ଯ୍ୟକ୍ରମ ବୋଲି ମତ ରଖିଥିଲେ। ଅଧ୍ୟାପିକା, ଅଧ୍ୟାପକ,ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେଲ୍‌ର ସଂଯୋଜକ ଶିବାଶିଷ ପଟ୍ଟନାୟକ ଓ ଅଧ୍ୟାପିକା ଡ. ବିଦ୍ୟୁତ୍‌ପ୍ରଭା ରାଉତ ସଂଯୋଜନା କରିଥିଲେ।

# କରୋନା ବଦଳାଇଦେଲା ଜୀବନଧାରା

ଜୟପୁର,୭।୮(ନି.ପ୍ର.)




ହେମନ୍ତ

**ବ୍ୟବସାୟୀରୁ ସାଜିଲେ କରୋନା ମୃତକଙ୍କ ସତ୍କାରକାରୀ ଏବେ ଅସୁସ୍ଥ ଅଛନ୍ତି ହେମନ୍ତ**

- ଗୋଟେ ମୃତଦେହ ସତ୍କାର କଲେ ମିଳୁଥିଲା ୭୫୦ ଟଙ୍କା
- ସହାୟତା ପାଇଁ ହାତ ବଢ଼ାଇଛି ପ୍ରଶାସନ
- ପରିବାର ଚଳାଇବା ହୋଇପଡୁଛି କଷ୍ଟକର

କରୋନା ବଦଳାଇ ଦେଇଛି ତାଙ୍କ ଜୀବନଧାରା। ଫାଷ୍ଟଫୁଡ୍ ଦୋକାନ ଦେଇ ପରିବାର ଚଳାଉଥିଲେ। କରୋନା ଯୋଗୁ ଲକ୍‌ଡାଉନ ଶଟ୍‌ଡାଉନ ହେତୁ ବନ୍ଦ ହୋଇଗଲା ଦୋକାନ। ପରିବାର କେମିତି ଚଳାଇବେ ଏଇ ଚିନ୍ତାରେ ଥିବା ବେଳେ କରୋନା ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ମୃତକଙ୍କ ସତ୍କାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏପରି କାର୍ଯ୍ୟ ଦୀର୍ଘଦିନ ହେଲା କରି ଏବେ ସେ ନିଜେ ରୋଗାକ୍ରାନ୍ତ ହୋଇପଡ଼ିଛନ୍ତି। ସେ ହେଉଛନ୍ତି ଜୟପୁର କେଲାନଗର ନିବାସୀ ହେମନ୍ତ କୁମାର ବେହେରା (୩୫)।

୨ ବର୍ଷ ହେବ ଏହି କାର୍ଯ୍ୟରେ ନିୟୋଜିତ ହେମନ୍ତ ଏଯାବତ୍ ୧୮୦ରୁ ଅଧିକ ମୃତଦେହ ସତ୍କାର କରିଛନ୍ତି। ବର୍ତ୍ତମାନ ସେ ଅସୁସ୍ଥ ହୋଇପଡ଼ିଛନ୍ତି। ମୃତଦେହ ସତ୍କାର ବେଳେ ବାହାରୁଥିବା ଧୂଆଁ ଯୋଗୁ ଏପରି ରୋଗାକ୍ରାନ୍ତ ହୋଇଛନ୍ତି ସେ। ତାଙ୍କ ଲିଭର ସଂକ୍ରମିତ ହୋଇଛି। ପ୍ରଶାସନ ପକ୍ଷରୁ ଉପଜିଲାପଳ ହେମକାନ୍ତ ସାୟ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଶନିବାର ତାଙ୍କୁ ପ୍ରଦାନ କରିଛନ୍ତି। ଏମ୍‌କେସିଜିକୁ ଅଧିକ ଚିକିତ୍ସା ପାଇଁ ପଠାଇବାକୁ ପ୍ରଶାସନ ପଦକ୍ଷେପ ନେଉଛି। କରୋନାରେ ମୃତ୍ୟୁ ହୋଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ସତ୍କାର କଲେ ୭୫୦ ଟଙ୍କା ମିଳୁଥିଲା, ସେଥିରେ ପରିବାର ଚଳିଯାଉଥିଲା। ଏବେ ଅସୁସ୍ଥ ଯୋଗୁ ମୃତଦେହ ସତ୍କାର କରିବାକୁ ଯାଇପାରୁନାହାନ୍ତି। ସରକାର ଦୋକାନ ଖୋଲିବାକୁ ଅନୁମତି ଦେଇଥିଲେ ମଧ୍ୟ ସେ ଫାଷ୍ଟଫୁଡ୍ ଦୋକାନ ମଧ୍ୟ ଖୋଲିପାରୁନାହାନ୍ତି। ଫଳରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି ବୋଲି କହନ୍ତି ହେମନ୍ତ। ପ୍ରଥମେ ଏହି କାର୍ଯ୍ୟରେ ସେମାନେ ୬ଜଣ ସାମିଲ ହୋଇଥିଲେ। ମନୋରଞ୍ଜନ ମହାନ୍ତି ନାମକ ଜଣେ ବ୍ୟକ୍ତି କରୋନା ଆକ୍ରାନ୍ତ ହୋଇ ମାସେ ତଳେ ମୃତ୍ୟୁବରଣ କଲେ। ହେମନ୍ତ ମୃତଦେହ ସତ୍କାର କରିବାକୁ ଯାଇପାରୁନାହାନ୍ତି। ଏବେ ଏହି କାର୍ଯ୍ୟ ୪ଜଣ ଜାରି ରଖିଥିବା କହିଛନ୍ତି ସେ।

